# ବିଚାରାଧୀନ ବନ୍ଦୀ ସମୀକ୍ଷା କମିଟି ଏବଂ ଆପଣ

## ବିଚାରାଧୀନ ବନ୍ଦୀ ସମୀକ୍ଷା କମିଟି ଗୁଡ଼ିକ କଣ ?

ବିଚାରାଧୀନ ବନ୍ଦୀ ସମୀକ୍ଷା କମିଟି ଏକ ଜିଲ୍ଲାସ୍ତରୀୟ ସଂସ୍ଥା ଯାହା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାରେ ଅପ୍ରେଲ ୨୦୧୫ରେ ଗଠିତ ହୋଇଥିଲା । ଏଠାରେ ଅନ୍ତତଃପକ୍ଷେ ତିନି ମାସରେ ଥରେ କଏଦୀଙ୍କ ମାମଲାର ସମୀକ୍ଷା କରିବାକୁ ବାଧ୍ୟତାମୂଳକ କରାଯାଇଛି । ଯୋଗ୍ୟ ମାମଲା ଗୁଡ଼ିକର ସମୀକ୍ଷା କରିବା ପରେ, ଏହା ସଂପୃକ୍ତ ଅଦାଲତରେ ବନ୍ଦୀମାନଙ୍କୁ ମୁକ୍ତ କରିବା ସହିତ ପ୍ରତ୍ୟେକ ମାମଲାରେ ଉପଯୁକ୍ତ ସୁପାରିଶ କରିଥାଏ ।

## ଏହି କମିଟିରେ କେଉଁମାନେ ସଦସ୍ୟ ଅଟନ୍ତି ?

ଜିଲ୍ଲାର ବରିଷ୍ଠ ନ୍ୟାୟିକ ଅଧିକାରୀଙ୍କ ନେତୃତ୍ୱରେ ଏହା ଏକ ପା  ସଦସ୍ୟ ବିଶିଷ୍ଟ  କମିଟି :

- ▶ ଜିଲ୍ଲା ଏବଂ ସେସନ୍ସ ବିଚାରପତି -ଅଧ୍ୟକ୍ଷ
- ▶ ଜିଲ୍ଲା ବିଚାରପତି – ସଭ୍ୟ
- ▶ ସଚିବ, ଡ଼ିଏଲଏସଏ – ସଭ୍ୟ
- ▶ ଜିଲ୍ଲାରେ ଥିବା ସମସ୍ତ କାରାଗାରର ଭାରପ୍ରାପ୍ତ ଅଧିକାରୀ – ସଭ୍ୟ / ସଭ୍ୟମାନେ
- ▶ ପୋଲିସ ଆରକ୍ଷୀ ଅଧିକ୍ଷକ – ସଭ୍ୟ

## କମିଟି କିପରି କାର୍ଯ୍ୟ କରେ ?

1 **ପ୍ରସ୍ତୁତି :** ଜେଲ ଅଧିକ୍ଷକ ସମସ୍ତ ବନ୍ଦୀଙ୍କ ତାଲିକା ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ନିକଟକୁ ପଠାନ୍ତି । ଯାହା ପରେ ଡ଼ାହାଣ ପାର୍ଶ୍ୱରେ ସୂଚିତ ହୋଇଥିବା ତାଲିକାଭୁକ୍ତ ମାନଦଣ୍ଡ ଅନୁଯାୟୀ ଯୋଗ୍ୟ କଏଦୀ ମାନଙ୍କର ଏକ ତାଲିକା ପ୍ରସ୍ତୁତ କରାଯାଏ ।

2 **ବୈଠକ :** ଜିଲ୍ଲା ଏବଂ ସେସନ୍ସ ବିଚାରପତି ଏହି ସଭାର ଅଧ୍ୟକ୍ଷ ହୁଅନ୍ତି ଯେଉଁଠାରେ କମିଟିର ସଦସ୍ୟମାନେ ସଂକ୍ଷିପ୍ତ ତାଲିକାଭୁକ୍ତ ମାମଲା ଗୁଡ଼ିକର ସମୀକ୍ଷା କରନ୍ତି ଏବଂ ଉପଯୁକ୍ତ ସୁପାରିଶ କରନ୍ତି ।

3 **ସୁପାରିଶ ଏବଂ କାର୍ଯ୍ୟ :** କମିଟିର ସୁପାରିଶଗୁଡ଼ିକୁ ଦସ୍ତାବିଜ କରାଯାଇ ସମସ୍ତ ସଦସ୍ୟମାନଙ୍କ ମଧ୍ୟରେ ବୁଲାଇ ଦିଆଯାଏ ଏବଂ ବିଚାର ପାଇଁ ସମ୍ପୃକ୍ତ ନ୍ୟାୟାଳୟକୁ ପଠାଯାଏ ।

4 **ଅନୁସରଣ :** କମିଟି ପରବର୍ତ୍ତୀ ବୈଠକରେ ଏହାର ସୁପାରିଶ ଉପରେ ନିଆଯାଇଥିବା କାର୍ଯ୍ୟକୁ ସମୀକ୍ଷା କରେ ଏବଂ ପ୍ରତ୍ୟେକ ମାମଲାର ଅବସ୍ଥିତିକୁ ଦସ୍ତାବିଜ କରେ ।

## ଯଦି ଆପଣଙ୍କର ମାମଲା କମିଟି ଦ୍ୱାରା ସମୀକ୍ଷା କରାଯାଏ ଏହାର ଅର୍ଥ ଆପଣ ମୁକ୍ତ କି ?

ନା, ଯଦି ଆପଣଙ୍କର ମାମଲା କମିଟି ଦ୍ୱାରା ସମୀକ୍ଷା କରାଯାଏ କିମ୍ବା ଯେଉଁଠାରେ କମିଟି ଦ୍ୱାରା ସୁପାରିଶ କରାଯାଏ ଏହାର ଅର୍ଥ ନୁହେଁ ଯେ ଆପଣ ମୁକ୍ତ ହେବେ । ଏହା ମଧ୍ୟ ଆପଣଙ୍କର ଓକିଲଙ୍କର ମାନ୍ୟବର କୋର୍ଟରେ ଏକ ଆବେଦନ କରିବାର ଆବଶ୍ୟକତା ରହିଥାଏ । ମୁକ୍ତ କରିବାର ଅନ୍ତିମ ନିଷ୍ପି ସଂପୃକ୍ତ ଅଦାଲତଙ୍କ ଦ୍ୱାରା ନିଆଯାଇଥାଏ, ଯେଉଁଠାରେ ଆପଣଙ୍କର ବିଚାର ଚାଲିଥାଏ । ଆପଣ ଆପଣଙ୍କର ମାମଲାର ସ୍ଥିତି, ସୁପାରିଶ ଏବଂ ଅଗ୍ରଗତି ବିଷୟରେ ଜେଲ ଅଧିକାରୀ କିମ୍ବା ଆପଣଙ୍କର ଓକିଲଙ୍କୁ ପଚାରି ପାରିବେ ।

## ଯଦି ଆପଣଙ୍କର ମାମଲା ପୂର୍ବରୁ ବିଚାର କରାଯାଇଛି ତେବେ ଏହାକୁ ପୁନର୍ବାର ବିଚାର କରାଯାଇପାରିବ କି ?

ହଁ, କମିଟି ଦ୍ୱାରା ଏକାଧିକ ସମୀକ୍ଷା ପାଇଁ କୌଣସି ବାଧକ ନାହିଁ । ଯଦି କମିଟି ଆପଣଙ୍କ ମାମଲାରେ କୌଣସି ସୁପାରିଶ କରିନାହିଁ କିମ୍ବା ସମ୍ପୃକ୍ତ ଅଦାଲତ/ ପ୍ରାଧିକରଣ ଏହି ସୁପାରିଶକୁ ପ୍ରତ୍ୟାଖ୍ୟାନ କରନ୍ତି, ତେବେ ଆପଣଙ୍କ ମାମଲାର ପୁନଃ ସମୀକ୍ଷା କରାଯାଇପାରିବ ।

## ଯଦି ଆପଣ ଜଣେ ଦୋଷୀ, ୟୁଟିଆରସି ଆପଣଙ୍କ ମାମଲାର ମଧ୍ୟ ସମୀକ୍ଷା କରିପାରିବ କି ?

ହଁ, ୟୁଟିଆରସି ଆପଣଙ୍କ ମାମଲାର ସମୀକ୍ଷା କରିବ ଯଦି :

୧. ଆପଣ ଆପଣଙ୍କର ଜେଲଦଣ୍ଡ ସମାପ୍ତ କରିଛନ୍ତି କିମ୍ବା

୨. କ୍ଷମା ହେତୁ ଆପଣଙ୍କର ମୁକ୍ତ ହେବାର ଅଧିକାର ଅଛି

କମିଟି ଆପଣଙ୍କର ଅଣ-ମୁକ୍ତ ହେବାର କାରଣ ନିରୂପଣ କରିବେ ଏବଂ ମୁକ୍ତି ନିଶ୍ଚିତ କରିବାକୁ ଉପଯୁକ୍ତ ପଦକ୍ଷେପ ସୁପାରିଶ କରିବେ ।

## ଯଦି ଆପଣ ଜାଣିବାକୁ ଚାହାନ୍ତି ଯେ ଆପଣଙ୍କ ମାମଲା କମିଟି ଦ୍ୱାରା ବିଚାର ଯୋଗ୍ୟ କି ନୁହେଁ ତେବେ ଆପଣ କାହାକୁ ଅନୁରୋଧ କରିବେ ?

କୌଣସି ସନ୍ଦେହ କିମ୍ବା ପ୍ରଶ୍ନ ପାଇଁ ଆପଣ ଆପଣଙ୍କର ଓକିଲଙ୍କ ସହ କଥାବା । ହୋଇପାରନ୍ତି କିମ୍ବା ଆପଣଙ୍କ ପରିବାର ସଦସ୍ୟଙ୍କୁ ଆପଣଙ୍କର ଓକିଲଙ୍କ ସହ କଥାବା । ହେବାକୁ କହିପାରନ୍ତି କିମ୍ବା ଜେଲ ପରିଦର୍ଶନ କରୁଥିବା ଓକିଲ କିମ୍ବା ଜେଲ ଆଇନ ସହାୟତା କ୍ଲିନିକ୍‌ରେ ସମାନ୍ତରାଳ ଆଇନ ସମ୍ବନ୍ଧି ସ୍ୱେଚ୍ଛାସେବୀ ମାନଙ୍କୁ ପଚାରି ପାରିବେ ।

## ଯଦି ଆପଣ ଜଣେ ବିଚାରାଧୀନ କଏଦୀ ଏବଂ :

ଯଦି ଆପଣ ଛୋଟମୋଟ ଅପରାଧରେ ଦୋଷୀ ସାବ୍ୟସ୍ତ ଯେଉଁଠାରେ ସର୍ବାଧିକ ଦଣ୍ଡବିଧାନ ୨ବର୍ଷରୁ ଅଧିକ ନୁହେଁ; କିମ୍ବା
*(କ୍ଷୁଦ୍ର ଅପରାଧରେ ସାମାନ୍ୟ ଅପରାଧ ଅନ୍ତର୍ଭୁକ୍ତ ହୋଇପାରେ ଯାହା ଏକ ଛୋଟ ଜୋରିମାନା କିମ୍ବା କିଛି ମାସ ଜେଲଦଣ୍ଡ ଦ୍ୱାରା ଦଣ୍ଡିତ ହେବେ)*

ଯଦି ଆପଣ ୧୯ରୁ ୨୧ ବର୍ଷ ବୟସ ମଧ୍ୟରେ ଅଛନ୍ତି ଏବଂ ସାତ ବର୍ଷରୁ କମ୍ ଦଣ୍ଡ ସହିତ ଏକ ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ଏବଂ ଅଭିଯୁକ୍ତ ଅପରାଧ ଅଧିନରେ ସର୍ବାଧିକ ଦଣ୍ଡର ଅତି କମ୍‌ରେ ଏକ ଚତୁର୍ଥାଂଶ ପୂରଣ କରିଛନ୍ତି; କିମ୍ବା

ଯଦି ଆପଣ ଚୋରି କିମ୍ବା ପ୍ରତାରଣା (ଆଇପିସିର ଧାରା ୩୭୯, ୩୮୦, ୩୮୧, ୪୦୪, ୪୨୦) ସହିତ ଏକ ଛୋଟ ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି କିମ୍ବା ଯେଉଁ ଅପରାଧ ପାଇ ସର୍ବାଧିକ ଦଣ୍ଡ ୨ବର୍ଷ ପର୍ଯ୍ୟନ୍ତ; କିମ୍ବା

60 DAYS
ଯଦି ଆପଣ ୬୦ ଦିନରୁ ଅଧିକ ସମୟ ଜେଲରେ ଅଛନ୍ତି, ଯେତେବେଳେ ଆପଣ ଦୋଷୀ ସାବ୍ୟସ୍ତ ହୋଇଥିବା ଅପରାଧ ପାଇଁ ସର୍ବାଧିକ ନିର୍ଦ୍ଦିଷ୍ଟ ଦଣ୍ଡ ୧୦ ବର୍ଷରୁ କମ୍ ଅଟେ ଏବଂ ଚାର୍ଜସିଟ୍ ଏପର୍ଯ୍ୟନ୍ତ ଦାଖଲ ହୋଇନାହିଁ; କିମ୍ବା

90 DAYS
ଯଦି ଆପଣ ୯୦ ଦିନରୁ ଅଧିକ ସମୟ ଜେଲରେ ଅଛନ୍ତି, ଯେତେବେଳେ ଆପଣ ଦୋଷୀ ସାବ୍ୟସ୍ତ ହୋଇଥିବା ଅପରାଧ ପାଇଁ ୧୦ ବର୍ଷ କିମ୍ବା ଏହାଠାରୁ ଅଧିକ ଏବଂ ଚାର୍ଜସିଟ୍ ଏପର୍ଯ୍ୟନ୍ତ ଦାଖଲ ହୋଇନାହିଁ; କିମ୍ବା

180 DAYS
ଯଦି ଆପଣ ୧୮୦ ଦିନରୁ ଅଧିକ ସମୟ ଜେଲରେ ଅଛନ୍ତି, ଯେତେବେଳେ ଆପଣ ନିର୍କୋଟିକ୍ସ ଡ୍ରଗ୍ସ ଏବଂ ସାଇକୋଟ୍ରୋପିକ ପଦାର୍ଥ ଅଧିନିୟମ, ୧୯୮୫ ଅନୁଯାୟୀ ବାଣିଜ୍ୟିକ ପରିମାଣ ଧାରଣ କରିଥିବା ଅଭିଯୋଗ ହୋଇଛନ୍ତି ଏବଂ ଚାର୍ଜସିଟ୍ ଏପର୍ଯ୍ୟନ୍ତ ଦାଖଲ ହୋଇନାହିଁ; କିମ୍ବା

ଯଦି ଆପଣ ଦୋଷୀ ସାବ୍ୟସ୍ତ ହୋଇଥିବା ଅପରାଧରେ ସର୍ବାଧିକ ମୃତ୍ୟୁଦଣ୍ଡ ନାହିଁ ଏବଂ ଆପଣ ସର୍ବାଧିକ ଦଣ୍ଡର ଅଧା ଅତିକ୍ରମ କରିଛନ୍ତି; କିମ୍ବା

7
ଯଦି ଆପଣ ଏକ "ଜାମିନ ଯୋଗ୍ୟ ଅପରାଧ" ବୋଲି ଅଭିହିତ ଏବଂ ୭ଦିନରୁ ଅଧିକ ଜେଲରେ ବନ୍ଦୀ ହୋଇ ରହିଛନ୍ତି; କିମ୍ବା (ଜାମିନ ଯୋଗ୍ୟ ଅପରାଧ ଅଧିନରେ, ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବାର ଅଧିକାର ଅଛି ବ୍ୟକ୍ତିଗତ ମୁଚଲିକାର ଉପସ୍ଥାପନ ସହିତ)

ଯଦି ଆପଣ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଏକ "ଜାମିନବିହୀନ" ଅପରାଧରେ ଦୋଷୀ ସାବ୍ୟସ୍ତ ହୁଅନ୍ତି ଏବଂ ପ୍ରମାଣ ରେକଡ଼ିଂର ପ୍ରଥମ ତାରିଖର ୬୦ଦିନ ମଧ୍ୟରେ ଆପଣଙ୍କର ବିଚାର ସମାପ୍ତ ହୋଇନାହିଁ; କିମ୍ବା

ଯଦି ଆପଣଙ୍କର ମାମଲା ଆଇନ ଅନୁଯାୟୀ ଜଟିଳ ହୋଇଥାଏ; କିମ୍ବା
*(ଜଟିଳତା ଥିବା ଅପରାଧଗୁଡ଼ିକ ସାଧାରଣତଃ ୨ବର୍ଷରୁ କମ୍ ଦଣ୍ଡ ସହିତ ଅଣ-ଗୁରୁତର ଅପରାଧ ଅଟେ ସିଆରପିସିର ଏସ.୩୨୦ ଅପରାଧର ତାଲିକା ପ୍ରଦାନ କରିଥାଏ ଯାହା ଜଟିଳ ହୋଇପାରେ)*

ଯଦି ଆପଣ ଅସୁସ୍ଥ କିମ୍ବା ଦୁର୍ବଳ ଏବଂ ସ୍ୱତନ୍ତ୍ର ଚିକିତ୍ସା ଆବଶ୍ୟକ କରନ୍ତି; କିମ୍ବା

ଯଦି ଆପଣ ଅବା ତ ମାନସିକ କିମ୍ବା ମାନସିକ ସ୍ତରରେ ଅସୁସ୍ଥ; କିମ୍ବା

ଯଦି ଆପଣଙ୍କୁ ଅଦାଲତ ଜାମିନ ପ୍ରଦାନ କରିଛନ୍ତି କିନ୍ତୁ ଆପଣ ବ୍ୟକ୍ତିଗତ ମୁଚଲିକା ପ୍ରଦାନ କରିବାରେ ଅସମର୍ଥ; କିମ୍ବା

ଯଦି ଆପଣ ଧାରା ୧୦୭, ୧୦୮, ୧୦୯ କିମ୍ବା ସିଆରପିସିର ୧୫୧ ଅଧିନରେ ବନ୍ଦୀ ଅଟନ୍ତି; କିମ୍ବା

ଯଦି ଆପଣ ଜଣେ ମହିଳା ହୋଇଥାଆନ୍ତି ।

ପ୍ରଥମ ଅନୁସୂଚୀରେ "ଅପରାଧର ଶ୍ରେଣୀକରଣ"ଶୀର୍ଷକ ଅଧିନରେ ଥିବା ଅପରାଧ ପ୍ରକ୍ରିୟା (ସିଆରପିସି)ରେ "ଜାମିନଯୋଗ୍ୟ ଅପରାଧ", "ସର୍ବାଧିକ ଦଣ୍ଡ", "ମାଜିଷ୍ଟ୍ରେଟଙ୍କ ଦ୍ୱାରା ବିଚାରଗତ ମାମଲା" ଇତ୍ୟାଦି ଉପରେ ଅପରାଧଭିତ୍ତିକ ଜ୍ଞାନ ରହିଛି । ଆପଣଙ୍କ ବୁଝିବାରେ ସାହାଯ୍ୟ କରିବା ପାଇଁ ଆପଣ ପିଏଲଭି କିମ୍ବା ଜେଲ ପରିଦର୍ଶନ କରୁଥିବା ଓକିଲଙ୍କୁ ଅନୁରୋଧ କରିପାରନ୍ତି ଯେ ଆପଣ ଦୋଷୀ ସାବ୍ୟସ୍ତ ହୋଇଥିବା ଅପରାଧ ଗୁଡ଼ିକ ବିଚାରାଧୀନ ସମୀକ୍ଷା କମିଟି ଦ୍ୱାରା ସମୀକ୍ଷା ପାଇଁ ଯୋଗ୍ୟ କି ନୁହେଁ ।

**ଆପଣଙ୍କ ମାମଲା ଆପଣଙ୍କ ଜିଲ୍ଲାର ବିଚାରାଧୀନ ସମୀକ୍ଷା କମିଟି ଦ୍ୱାରା ସମୀକ୍ଷା ପାଇଁ ଯୋଗ୍ୟ ହେବ ।**


CHRI
Commonwealth Human Rights Initiative
working for the practical realisation of human rights in the Commonwealth

କମନୱେଲ୍‌ଥ ହ୍ୟୁମାନ ରାଇଟସ ଇନିସେଟିଭ
ତୃତୀୟ ମହଲା, ୫୫ଏ, ସିଦ୍ଧାର୍ଥ ଚାମ୍ବର୍ସ, କାଲୁସରାଇ, ନୂଆଦିଲ୍ଲୀ -୧୧୦୦୧୬
ଟେଲି: +୯୧-୧୧-୪୩୧୮୦୨୦୦, +୯୧-୧୧-୪୩୧୮୦୨୨୧ ଫାକ୍ସ: +୯୧-୧୧-୪୩୧୮୦୨୧୭
ଇ-ମେଲ୍: info@ humanrightsinitiative.org ୱେବସାଇଟ୍: www.humanrightsinitiative.org